[2009] 4 ଏସ୍ . ସି . ଆର୍ . 1219

ଓଡ଼ିଶା ରାଜ୍ୟ ଏବଂ ଅନ୍ୟ ଜଣେ

*ବନାମ*

ବିଳାଶ ଚନ୍ଦ୍ର ଓଝା

ଦେୱାନୀ ଆବେଦନ ସଂଖ୍ୟା 1966/2009

ମାର୍ଚ୍ଚ 27, 2009

**(ଡକ୍ଟର ଅରିଜିତ୍ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତି ଦ୍ୱୟ)**

*ଶ୍ରମ ଆଇନ—ଛଟେଇ—ସାମୟିକ ଶ୍ରମିକଙ୍କ—ପୁନଃ ସ୍ଥାପନ ପାଇଁ ଶ୍ରମ ଅଦାଲତ ନିର୍ଦ୍ଦେଶ ଦେଇ—ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକୁ ବଜାୟ ରଖି—ଆବେଦନ ଉପରେ, ବିଚାର: ଉଭୟ ଶ୍ରମ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ପ୍ରାସଙ୍ଗିକ ଦିଗ ଉପରେ ବିଚାର କରିବାରେ ବିଫଳ ହୋଇ—ନୂତନ ନିଷ୍ପତ୍ତି ପାଇଁ ଉଚ୍ଚ ନ୍ୟାୟାଳୟକୁ ମାମଲା ପଠାଇ—ଶିଳ୍ପ ବିବାଦ ଅଧିନିୟମ, 1947-ଧାରା 25 F ଏବଂ 25 I ।*

**ସାମୟିକ ଭିତ୍ତିରେ ନିଯୁକ୍ତ ହୋଇଥିବା ପ୍ରତିବାଦୀ ଶ୍ରମିକଙ୍କୁ ଚାକିରିରୁ ଛଟେଇ କରାଯାଇଥିଲା । ଶ୍ରମ ନ୍ୟାୟାଳୟ ତାଙ୍କୁ ପୁନଃସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶକୁ ଉଚ୍ଚ ନ୍ୟାୟାଳୟ ବଜାୟ ରଖିଥିଲେ । ତେଣୁ ତତ୍କାଳୀନ ଆବେଦନ କରାଯାଇଛି ।**

**ଆବେଦନଟିକୁ ଅନୁମତି ଦେଇ ନ୍ୟାୟାଳୟ**

**ଦର୍ଶାଇଥିଲେ : ଶ୍ରମ ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟ ସମ୍ପୃକ୍ତ ବିଭାଗଟି ଏକ ଶିଳ୍ପ କି ନୁହେଁ ଏବଂ ନିୟମିତକରଣର କୌଣସି ସୁଯୋଗ ଅଛି କି ନାହିଁ ଭଳି ପ୍ରାସଙ୍ଗିକ ଦିଗ ଉପରେ ବିଚାର କରିନଥିଲେ, ଯେତେବେଳେ ଶ୍ରମ ନ୍ୟାୟାଳୟ ସ୍ୱୀକାର କରିଥିଲେ ଯେ ପ୍ରତିବାଦୀ ସାମୟିକ ଭିତ୍ତିରେ ନିୟୋଜିତ ଥିଲେ । ଅନ୍ୟ ପ୍ରଶ୍ନଟି ଥିଲା, କୌଣସି ଛଟେଇ ଥିଲା କି କିମ୍ବା ପ୍ରତିବାଦୀ କାମକୁ ପରିତ୍ୟାଗ କରିଥିଲେ କି ନାହିଁ । ସ୍ପଷ୍ଟତଃ ଏହି କାରଣ ଗୁଡ଼ିକୁ ବିଚାରକୁ ନିଆଯାଇନାହିଁ । ଏହା ବ୍ୟତୀତ ପ୍ରତିବାଦୀ ଗୋଟିଏ ପଞ୍ଜିକା ବର୍ଷରେ 240 ଦିନରୁ ଅଧିକ କାମ କରିଥିଲେ କି ନାହିଁ, ଏହି ପ୍ରଶ୍ନକୁ ମଧ୍ୟ ଉପଯୁକ୍ତ ଦୃଷ୍ଟିକୋଣରୁ ବିଚାର କରାଯାଇନାହିଁ । ତେଣୁ, ଉଚ୍ଚ ନ୍ୟାୟାଳୟର ବିବାଦୀୟ ଆଦେଶକୁ ବଜାୟ ରଖାଯାଇପାରିବ ନାହିଁ ଏବଂ ଏହାକୁ ରଦ୍ଦ କରିଦିଆଯାଇଛି । ପ୍ରସଙ୍ଗର ପ୍ରାସଙ୍ଗିକ ଦିଗଗୁଡ଼ିକୁ ନୂତନ ଭାବରେ ବିଚାର କରିବା ପାଇଁ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଛି । (ଅନୁଚ୍ଛେଦ -5)**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1966/2009

କଟକସ୍ଥିତ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଓ. ଜେ. ସି. ସଂଖ୍ୟା 13108/1997 ରେ ତା 22.06.2005 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପାଇଁ ଶିବାଶିଷ ମିଶ୍ର

ପ୍ରତିବାଦୀଙ୍କ ପାଇଁ ସି.କେ.ସୁଚରିତା

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ଡ. ଅରିଜିତ୍ ପଶାୟତ, ନ୍ୟାୟମୂର୍ତ୍ତି**

1. ଅନୁମତି ପ୍ରଦାନ କରାଗଲା ।

2. ଏହି ଆବେଦନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଜ୍ଞ ଏକକ ନ୍ୟାୟାଧୀଶଙ୍କ ଦ୍ୱାରା ଆବେଦନକାରୀଙ୍କ ତରଫରୁ ଦାଖଲ ହୋଇଥିବା ରିଟ୍ ଆବେଦନକୁ ଖାରଜ କରି ପାରିତ ହୋଇଥିବା ଆଦେଶ ବିରୁଦ୍ଧରେ ଆପତ୍ତି କରାଯାଇଛି । ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନରେ ଶ୍ରମ ନ୍ୟାୟାଳୟର ଆଇ. ଡି. ମାମଲା ସଂଖ୍ୟା 71/1988 ରେ ପୀଠାସୀନ ଅଧିକାରୀଙ୍କ ଦ୍ୱାରା ପାରିତ ଆଦେଶକୁ ଆପତ୍ତି କରାଯାଇଥିଲା ।

3. ସଂକ୍ଷେପରେ ପୃଷ୍ଠଭୂମି ତଥ୍ୟ ନିମ୍ନରେ ଦିଆଗଲା :

ଅନ୍ୟାନ୍ୟ ବିଷୟ ମଧ୍ୟରେ ତାଙ୍କୁ ସେବାରୁ ଛଟେଇକୁ ଆପତ୍ତି କରିବା ସହ ପ୍ରତିବାଦୀ ଶ୍ରମିକଙ୍କ ଦ୍ୱାରା ଶିଳ୍ପ ବିବାଦ ଆରମ୍ଭ କରାଯାଇଥିଲା । ରାଜ୍ୟ ସରକାର ସମାଧାନ ବିଫଳ ହେବା ପରେ ତାଙ୍କୁ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି, ଶିଳ୍ପ ବିବାଦ ଅଧିନିୟମ ଧାରା 1947 (ସଂକ୍ଷେପରେ 'ଅଧିନିୟମ')ର ଧାରା 10 ସହିତ ଧାରା 12 ଅନୁଯାୟୀ ନିମ୍ନଲିଖିତ ବିବାଦକୁ ବିଚାର ପାଇଁ ଶ୍ରମ ନ୍ୟାୟାଳୟକୁ ପଠାଇଥିଲେ । ଉକ୍ତ ସନ୍ଦର୍ଭଟି ନିମ୍ନରେ ପ୍ରଦାନ କରାଗଲା ।

> "1981 ମସିହା ନଭେମ୍ବର ମାସରେ ମେସର୍ସ ସୂଚନା ଏବଂ ପ୍ରକାଶନ ମୁଦ୍ରଣାଳୟ, କୃଷି ସମ୍ବାଦ ସରବରାହ ସଂସ୍ଥାର ପରିଚାଳନା ବର୍ଗ ଦ୍ୱାରା ଶ୍ରୀ ବିଳାସ ଚନ୍ଦ୍ର ଓଝା, ଅକ୍ଷରଯୋଜକଙ୍କୁ ଚାକିରିରୁ ଛଟେଇ କରିବା ଆଇନଗତ ଏବଂ/କିମ୍ବା ନ୍ୟାୟସଙ୍ଗତ କି? ଯଦି ନୁହେଁ, ତେବେ ଶ୍ରୀ ଓଝା କେଉଁ ପ୍ରତିକାର ପାଇବାକୁ ହକଦାର?

ଶ୍ରମ ନ୍ୟାୟାଳୟଙ୍କ ସମ୍ମୁଖରେ ଶ୍ରମିକଙ୍କ ମାମଲା ଥିଲା ଯେ, ସେ 14.3.1980 ରୁ 10.10.1981 ପର୍ଯ୍ୟନ୍ତ ପରିଚାଳନା ବର୍ଗ ଦ୍ୱାରା ଜଣେ ଅକ୍ଷରଯୋଜକ ଭାବରେ ନିଯୁକ୍ତ ହୋଇଥିଲେ । ସେ ଦୃଢ଼ତାର ସହ

କହିଥିଲେ ଯେ ଅଧିନିୟମର ଧାରା 25 (F)ର ବୈଧାନିକ ବ୍ୟବସ୍ଥାଗୁଡ଼ିକ ତାଙ୍କ ସେବା ସମାପ୍ତିର ଆଦେଶ ସହିତ ଅନୁପାଳନ ନକରିବା ଅନ୍ୟାୟ, ବେଆଇନ ଅଟେ  ଏବଂ ସେ ସମ୍ପୂର୍ଣ୍ଣ  ବକେୟା ମଜୁରୀ ସହିତ ଚାକିରିରେ ପୁନଃସ୍ଥାପିତ ହେବାର ହକଦାର ଅଟନ୍ତି ।

ପରିଚାଳନାବର୍ଗ ଶ୍ରମ ନ୍ୟାୟାଳୟରେ ହାଜର ହୋଇଥିଲେ ଏବଂ ଏକ ବର୍ଣ୍ଣନା ପତ୍ର ଦାଖଲ କରିଥିଲେ ଯେ ଶ୍ରମିକ ଏହା ଅଧୀନରେ ନିୟୋଜିତ ଥିଲେ କିନ୍ତୁ ତା ପରେ ନିଜର ଆଭିମୁଖ୍ୟ ରଖିଥିଲେ ଯେ ସେ ସ୍ୱଇଚ୍ଛାରେ ତାଙ୍କ ସେବା ପରିତ୍ୟାଗ କରିଛନ୍ତି ଏବଂ ଏହିପରି, ସେ କୌଣସି ପ୍ରତିକାର ପାଇବାକୁ ହକଦାର ନୁହଁନ୍ତି । ଏହା ମଧ୍ୟ ନିବେଦନ କରାଯାଇଥିଲା ଯେ ଆବେଦନକାରୀ ଏକ ଶିଳ୍ପ ନୁହେଁ ଏବଂ ତେଣୁ ଏହି ଅଧିନିୟମର  କୌଣସି ପ୍ରୟୋଗ ନାହିଁ । ଏହା ମଧ୍ୟ ନିବେଦନ କରାଯାଇଥିଲା ଯେ ଶ୍ରମିକ ଜଣକ 240 ଦିନରୁ ଅଧିକ ସମୟ କାମ କରିଥିବାର ଦାବି, କୌଣସି ଆଧାର ବିନା ଥିଲା । ଶ୍ରମିକ ଜଣକ ଚୟନ ପାଇଁ ଏକ ପରୀକ୍ଷାରେ ଉପସ୍ଥିତ ହୋଇଥିଲେ ମଧ୍ୟ ସଫଳ ହୋଇନଥିଲେ ।

ଶ୍ରମ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ଛଟେଇ ହେବାର ତାରିଖ ପୂର୍ବରୁ ପଞ୍ଜିକା ବର୍ଷରେ କର୍ମଚାରୀ 240 ଦିନରୁ ଅଧିକ ସମୟ ଧରି ନିରବିଚ୍ଛିନ୍ନ ଭାବରେ କାର୍ଯ୍ୟ କରିଥିଲେ । ତେଣୁ, ଅଧିନିୟମର ଧାରା 25-I ରେ ନିର୍ଦ୍ଦେଶାନୁଯାୟୀ ବ୍ୟବସ୍ଥା ପାଳନ କରାଯାଇ ନଥିଲା ଏବଂ ତେଣୁ ଏହି ଛଟେଇ ଅନ୍ୟାୟ ଏବଂ ବେଆଇନ ଥିଲା । ତେଣୁ ଶ୍ରମ ନ୍ୟାୟାଳୟ ବକେୟା ପାରିଶ୍ରମିକ ବିନା ପୁନଃସ୍ଥାପନ ପାଇଁ  ନିର୍ଦ୍ଦେଶ ଦେଇଥିଲେ । ଏକ ରିଟ୍ ଆବେଦନରେ ଅବେଦନକାରୀଙ୍କ ଦ୍ୱାରା  ଏହି ଅଧିନିର୍ଣ୍ଣୟ ଉପରେ ଆପତ୍ତି କରାଯାଇଥିଲା ।  ଶ୍ରମିକ 240 ଦିନରୁ ଅଧିକ ସମୟ ଧରି କାମ  କରିଥିଲେ ବୋଲି ଶ୍ରମ ନ୍ୟାୟାଳୟର ସିଦ୍ଧାନ୍ତ ଉପଲବ୍ଧ ତଥ୍ୟ ଉପରେ ଆଧାରିତ ଦର୍ଶାଇ, ଉଚ୍ଚ ନ୍ୟାୟାଳୟ ସେହି ଆବେଦନକୁ ଖାରଜ କରିଦେଇଥିଲେ । ଅଧିକନ୍ତୁ, ଧାରା 25 (F)ର ନିର୍ଦ୍ଦେଶାନୁଯାୟୀ ବ୍ୟବସ୍ଥାକୁ ପାଳନ କରାଯାଇ ନଥିଲା ।

3. ଆବେଦନକୁ ସମର୍ଥନ କରି ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଦାଖଲ କରିଥିଲେ ଯେ ଆବେଦନକାରୀଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ଆଭିମୁଖ୍ୟକୁ ବିଚାର କରାଯାଇ ନଥିଲା । ଆବେଦନକାରୀ ଏକ ଶିଳ୍ପ ନୁହେଁ ବୋଲି ଶ୍ରମ ନ୍ୟାୟାଳୟ ସମ୍ମୁଖରେ ମୌଳିକ ଆଭିମୁଖ୍ୟ ରଖାଯାଇଥିଲା । ଏହି ପ୍ରଶ୍ନଟି ସମାଧାନ ହୋଇନଥିଲା । ଶ୍ରମ ନ୍ୟାୟାଳୟ  ନିର୍ଦ୍ଦେଶ ଦେଇଥିଲେ ଏବଂ ଦର୍ଶାଇଥିଲେ ଯେ ଯଦିଓ ପ୍ରତିବାଦୀ ସାମୟିକ ଭିତ୍ତିରେ ନିଯୁକ୍ତି ହୋଇଥିଲେ, ସେ ନିୟମିତ ହେବାର ଯୋଗ୍ୟ ଅଟନ୍ତି । ଆବେଦନକାରୀଙ୍କ ପରବର୍ତ୍ତୀ ଆଭିମୁଖ୍ୟ ଯେ, ସେ କାମକୁ ପରିତ୍ୟାଗ କରିଥିଲେ ବୋଲି ମଧ୍ୟ ବିଚାର କରାଯାଇ ନାହିଁ । ଏହା ଦର୍ଶାଯାଇଛି ଯେ, ଫେବୃଆରୀ, 1982 ରେ ଏକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା ଯେଉଁଠାରେ ପ୍ରତିବାଦୀ ଉପସ୍ଥିତ ହୋଇଥିଲେ ଏବଂ ବିଫଳ ହୋଇଥିଲେ, ଏହାକୁ ସମାଧାନ ଅଧିକାରୀ ପ୍ରାଞ୍ଜଳ ଭାବରେ ନଥିଭୁକ୍ତ କରି ସମାଧାନ ବିଫଳ ହୋଇଥିଲା

ବୋଲି ଦର୍ଶାଇଥିଲେ । ଏହା ମଧ୍ଯ ଉଲ୍ଲେଖ କରାଯାଇଥିଲା ଯେ ପ୍ରତିବାଦୀ ଗୋଟିଏ ପଞ୍ଜିକା ବର୍ଷରେ 240 ଦିନରୁ ଅଧିକ କାମ କରିନଥିଲେ, ଏବଂ ସେ କେବଳ ଜଣେ ସାମୟିକ ଶ୍ରମିକ ଭାବରେ ନିଯୁକ୍ତ ହୋଇଥିଲେ ଏବଂ ଚାକିରି ଛାଡି ଦେଇଥିଲେ ଏବଂ ଦାବି ଅନୁଯାୟୀ ତାଙ୍କୁ ଚାକିରିରୁ ବାହାର କରାଯାଇ ନଥିଲା ।

4. ଅପରପକ୍ଷରେ ପ୍ରତିବାଦୀଙ୍କ ବିଜ୍ଞ ଅଧିବକ୍ତା ନିବେଦନ କରିଛନ୍ତି ଯେ, ଶ୍ରମ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ପ୍ରାସଙ୍ଗିକ ଦିଗ ଉପରେ ମନ୍ତବ୍ୟ ଦେଇଛନ୍ତି ଏବଂ ଏଥିରେ କୌଣସି ହସ୍ତକ୍ଷେପ କରିବାର ସୁଯୋଗ ନାହିଁ ।

5. ଓଡ଼ିଶା ସରକାରଙ୍କ କୃଷି ବିଭାଗ ଏକ ଶିଳ୍ପ କି ନୁହେଁ ଏବଂ ଯେତେବେଳେ ଶ୍ରମ ନ୍ୟାୟାଳୟ ସ୍ଵୀକାର କରିଥିଲେ ଯେ ପ୍ରତିବାଦୀ ସାମୟିକ ଭାବରେ ନିଯୁକ୍ତ ହୋଇଥିଲେ, ସେତେବେଳେ ଏହାକୁ ନିୟମିତ କରିବାର କୌଣସି ସୁଯୋଗ ଥିଲା କି ନାହିଁ, ଏହିପରି ପ୍ରାସଙ୍ଗିକ ଦିଗ ଉପରେ ଶ୍ରମ ନ୍ୟାୟାଳୟ କିମ୍ବା ଉଚ୍ଚ ନ୍ୟାୟାଳୟ ବିଚାର କରିନଥିଲେ ବୋଲି ଆମେ ଜାଣିବାକୁ ପାଇଛୁ । ଅନ୍ୟ ପ୍ରଶ୍ନଟି ଥିଲା ଯେ ଏଠାରେ କୌଣସି ଛଟେଇ ହୋଇଥିଲା କି କିମ୍ବା ପ୍ରତିବାଦୀ କାମକୁ ପରିତ୍ୟାଗ କରିଥିଲେ କି । ସ୍ପଷ୍ଟତଃ ଏହି ବିଷୟ ଗୁଡ଼ିକୁ ବିଚାରକୁ ନିଆଯାଇନାହିଁ । ପୁନଶ୍ଚ, ପ୍ରତିବାଦୀ ଗୋଟିଏ ପଞ୍ଜିକା ବର୍ଷରେ 240 ଦିନରୁ ଅଧିକ କାମ କରିଥିଲେ କି ନାହିଁ, ଏହି ପ୍ରଶ୍ନକୁ ମଧ୍ଯ ଉପଯୁକ୍ତ ଦୃଷ୍ଟିକୋଣରୁ ବିଚାର କରାଯାଇନାହିଁ । ଏହି ପରିପ୍ରେକ୍ଷୀରେ ଆକ୍ଷେପିତ ଆଦେଶକୁ ବଜାୟ ରଖାଯାଇପାରିବ ନାହିଁ ଏବଂ ଏହାକୁ ରଦ୍ଦ କରାଯାଇଛି । ପ୍ରାସଙ୍ଗିକ ଦିଗ ଗୁଡ଼ିକୁ ନୂତନ ଭାବରେ ବିଚାର କରିବା ପାଇଁ ଏହି ମାମଲାକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ପଠାଯାଇଛି ।

6. ଆବେଦନକୁ ଅନୁମତି ଦିଆଯାଇଛି ।

ବି. ବି. ବି. ଆବେଦନକୁ ଅନୁମତି ଦିଆଗଲା ।

ଅସ୍ଵୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ଵୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦିକା
ସସ୍ମିତା ନାଏକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ